OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 5 Issue 4 [Jul-Aug] Year 2026*




*Research Article*

# ଓଡ଼ିଆ ନାଟକର ଶିଳ୍ପରୀତି

**ରାକେଶ ବେହେରା**

ସଂସ୍କୃତି ଅଧ୍ୟୟନ (ଓଡ଼ିଆ), ଗବେଷକ, ଶିକ୍ଷା 'ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା, ଭାରତ

**Corresponding Author:** * ରାକେଶ ବେହେରା

**DOI:** https://doi.org/10.5281/zenodo.21350983

## ସାରାଂଶ

ନାଟକ ହେଉଛି କାବ୍ୟ ସାହିତ୍ୟର ସର୍ବାଧିକ ରମଣୀୟ ଓ ହୃଦୟସ୍ପର୍ଶୀ ବିଭାଗ, ଯାହା ଏକ 'ଦୃଶ୍ୟକାବ୍ୟ' ରୂପେ ସାହିତ୍ୟ, ଅଭିନୟ, ସଙ୍ଗୀତ, ଚିତ୍ରକଳା ଓ ମଞ୍ଚଶିଳ୍ପର ଅପୂର୍ବ ସମନ୍ୱୟ ଘଟାଇଥାଏ । ପ୍ରସ୍ତୁତ ପ୍ରବନ୍ଧ ଓଡ଼ିଆ ନାଟକର ଶିଳ୍ପରୀତି ବା ଆଙ୍ଗିକ ପରିପାଟୀର ଐତିହାସିକ ବିବର୍ତ୍ତନକୁ ବିଶ୍ଳେଷଣ କରେ । ଓଡ଼ିଶାର ଲୋକକଳା—ଲୀଳା, ଦଣ୍ଡନାଟ, ସୁଆଙ୍ଗ ଓ ଯାତ୍ରା ପରମ୍ପରାରୁ ଉଦ୍ଭୂତ ହୋଇ ଏହି ଶୈଳୀ ଆଧୁନିକ ମନସ୍ତାତ୍ତ୍ୱିକ ଓ ପରୀକ୍ଷାମୂଳକ ସ୍ତର ପର୍ଯ୍ୟନ୍ତ କିପରି ଅଗ୍ରସର ହୋଇଛି, ତାହା ଏଠାରେ ଆଲୋଚିତ । ଅଙ୍କ ଓ ଦୃଶ୍ୟ ସଂଯୋଜନା, କଥାବସ୍ତୁ, ଐକ୍ୟତ୍ରୟୀ ଏବଂ ଭରତମୁନିଙ୍କ ନାଟ୍ୟଶାସ୍ତ୍ରେ ବର୍ଣ୍ଣିତ ପଞ୍ଚସନ୍ଧିର ଭୂମିକାକୁ ପର୍ଯ୍ୟାଲୋଚନା କରାଯାଇଛି । ସେହିପରି ପଦ୍ୟାତ୍ମକ ସଂଳାପରୁ ଗଦ୍ୟାତ୍ମକ ସଂଳାପକୁ ପରିବର୍ତ୍ତନ, ଆଦର୍ଶବାଦରୁ ବାସ୍ତବବାଦ ଓ ମନୋବିଜ୍ଞାନ ଆଡ଼କୁ ଚରିତ୍ର-ଚିତ୍ରଣର ଗତି, ଏବଂ ମଞ୍ଚକଳାର କ୍ରମବିକାଶ ଉପରେ ଆଲୋକପାତ କରାଯାଇଛି । 'ନବନାଟ୍ୟ ଆନ୍ଦୋଳନ' ସହିତ ଆରିଷ୍ଟୋଟଲ, ବ୍ରେକ୍ଟ ଓ ବେକେଟ୍‌ଙ୍କ ପାଶ୍ଚାତ୍ୟ ଶୈଳୀର ପ୍ରଭାବ, ତଥା ପୁନର୍ବାର ଲୋକନାଟ୍ୟ (ପାଲା, ଦାସକାଠିଆ) ଆଡ଼କୁ ପ୍ରତ୍ୟାବର୍ତ୍ତନ—ଏହିସବୁ ମାଧ୍ୟମରେ ପ୍ରବନ୍ଧଟି ପ୍ରମାଣ କରେ ଯେ ଓଡ଼ିଆ ନାଟକର ଶିଳ୍ପରୀତି ପାରମ୍ପରିକ ଆବେଗ ଏବଂ ଆଧୁନିକ ବୌଦ୍ଧିକତାର ଏକ ଚମତ୍କାର ମିଶ୍ରଣ ।

### Manuscript Information

- **ISSN No:** 2583-7397
- **Received:** 05-06-2026
- **Accepted:** 12-07-2026
- **Published:** 14-07-2026
- **IJCRM:**5(4); 2026: 165-169
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

### How to Cite this Article

ରାକେଶ ବେହେରା. ଓଡ଼ିଆ ନାଟକର ଶିଳ୍ପରୀତି. Int J Contemp Res Multidiscip. 2026;5(4):165-169.

### Access this Article Online

www.multiarticlesjournal.com

**ସୂଚକ ଶବ୍ଦ :** ଓଡ଼ିଆ ନାଟକ, ଶିଳ୍ପରୀତି, ଦୃଶ୍ୟକାବ୍ୟ, ପଞ୍ଚସନ୍ଧି, ଐକ୍ୟତ୍ରୟୀ, ସଂଳାପ, ଚରିତ୍ର-ଚିତ୍ରଣ, ମଞ୍ଚକଳା, ନବନାଟ୍ୟ ଆନ୍ଦୋଳନ, ଲୋକନାଟ୍ୟ ।


© 2026 ରାକେଶ ବେହେରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପ୍ରସ୍ତାବନା

"All the world's a stage,
And all the men and women merely players;
The have their exits, and their entrances,
And one man in his time plays many parts,
His acts being seven ages."(As you like it: Act –II : Scene 7)

ଓ୍ୱିଲିୟମ ସେକ୍ସପିୟରଙ୍କ ଏହି ଉକ୍ତି ବିଶ୍ୱନାଟକ ଦରବାରରେ ପ୍ରସିଦ୍ଧ । ବିଶ୍ୱ ଏକ ରଂଗମଞ୍ଚ । ଏହି ମଂଚରେ ଉଭୟ ପୁରୁଷ ଓ ନାରୀ ଅଭିନେତା ଓ ଅଭିନେତ୍ରୀ । ସେକ୍ସପିୟରଙ୍କ ନାଟକରେ ମଣିଷ ଜୀବନର ସାତୋଟି ଅବସ୍ଥା ବିଷୟରେ କହିଛନ୍ତି, ଯାହାକୁ ଓଡ଼ିଆ ସାହିତ୍ୟରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯାତ୍ରା ସହ ତୁଳନା କରାଯାଏ । ରଙ୍ଗମଞ୍ଚରେ ଜଣେ ଅଭିନେତା ମଞ୍ଚକୁ ଆସେ, ନିଜର ଅଭିନୟ ସାରି ଲେଉଟିଯାଏ । ମଣିଷ ମଧ୍ୟ ଏହି ପୃଥିବୀକୁ ଆସି ନିଜର ଅଭିନୟ ସାରି ବିଦାୟ ନିଏ । ଓଡ଼ିଆ ନାଟକରେ 'ଜୀବନ ଏକ ନାଟକ' ବୋଲି ଯେଉଁ ଚିନ୍ତାଧାରା ରହିଛି, ସେକ୍ସପିୟରଙ୍କ ଏହି ଉକ୍ତି ତାହାକୁ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଫଳିତ କରିଛି ।

"କାବ୍ୟେଷୁ ନାଟକଂ ରମ୍ୟଂ"- ଅର୍ଥାତ୍ କାବ୍ୟ ସାହିତ୍ୟର ସମସ୍ତ ବିଭାଗ ମଧ୍ୟରେ ନାଟକ ହେଉଛି ସବୁଠାରୁ ରମଣୀୟ ଓ ହୃଦୟସ୍ପର୍ଶୀ । ଏହା କେବଳ ଏକ ସାହିତ୍ୟିକ ରଚନା ନୁହେଁ, ବରଂ ଏକ ଦୃଶ୍ୟକାବ୍ୟ ଯେଉଁଠି ସାହିତ୍ୟ ସହିତ ଅଭିନୟ, ସଙ୍ଗୀତ, ଚିତ୍ରକଳା ଏବଂ ମଞ୍ଚଶିଳ୍ପର ଏକ ଅପୂର୍ବ ସମନ୍ୱୟ ଘଟିଥାଏ । ନାଟକର ସଫଳତା କେବଳ ଏହାର କାହାଣୀ ଉପରେ ନିର୍ଭର କରେନାହିଁ, ବରଂ ଏହାର ଶିଳ୍ପରୀତି ଉପରେ ଆଧାରିତ ହୋଇଥାଏ । ନାଟକ ଏକ ମିଶ୍ରକଳା । ଯେଉଁଥିରେ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଆତ୍ମପ୍ରକାଶ କରିଥାଏ । ଏହି ସଂପର୍କରେ ନାରାୟଣ ସାହୁଙ୍କ ମନ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ – "ମାନବ ଜୀବନ ଯେତେବେଳେ ଭାବରସ କଳ୍ପନାରେ ଭରପୁର ହୋଇଉଠେ, ସତ୍ୟ ଶିବ ସୁନ୍ଦରର ଆରାଧନା କରିବାକୁ ଆଗେଇ ଆସେ, ସେତେବେଳେ ଜନ୍ମ ନିଏ 'କବିତା' । ହେଲେ ଜୀବନ ଯେତେବେଳେ ଘନଘଟାମୟ ହୋଇଉଠେ, ଅର୍ଥାତ୍ ଜଟିଳ, ବ୍ୟାପକ ହୋଇଉଠେ ବା ବହୁ ଭାବ, ଚରିତ୍ର ଏବଂ ବସ୍ତୁ ସମନ୍ୱିତ ହୋଇଉଠେ, ସେତେବେଳେ ଜନ୍ମ ନିଏ 'ଉପନ୍ୟାସ' । ଯେତେବେଳେ ଜୀବନ ବାରମ୍ବାର ଉତ୍ଥାନ ପତନ ମଧ୍ୟଦେଇ ନାନା ବିରୋଧାଭାସର ସମ୍ମୁଖୀନ ହୁଏ, ଏକ ପରିପୂର୍ଣ୍ଣ ସତ୍ୟର ଅବତାରଣା କରେ, ସେତେବେଳେ ଜନ୍ମ ନିଏ 'ନାଟକ' ।" (ସାହୁ: ୨୦୨୫ : ୧)

ନାଟକକୁ ଜୀବନର ପ୍ରତିବିମ୍ବ ବୋଲି ଗ୍ରହଣ କରାଯାଏ । ଭିନ୍ନ ଭିନ୍ନ ରୁଚିସମ୍ପନ୍ନ ବ୍ୟକ୍ତିଙ୍କ ପାଇଁ ନାଟକ ହେଉଛି ଏକମାତ୍ର ଶ୍ରେଷ୍ଠ ଆମୋଦଦାୟକ ମାଧ୍ୟମ । ମାନବ ସଭ୍ୟତା ଓ ସଂସ୍କୃତିର ବିକାଶଧାରାରେ ସାହିତ୍ୟର ସବୁଠାରୁ ଶକ୍ତିଶାଳୀ ଓ ଗତିଶୀଳ ମାଧ୍ୟମ ହେଉଛି ନାଟକ । କବିତା, ଗଳ୍ପ, ଉପନ୍ୟାସ କେବଳ ପାଠକୀୟ ଶ୍ରଦ୍ଧା ଉପରେ ନିର୍ଭର କରୁଥିବାବେଳେ ନାଟକ ନିଜର 'ଦୃଶ୍ୟ-କାବ୍ୟ' ଗୁଣ ଯୋଗୁଁ ସମାଜର ସବୁ ବର୍ଗର ମଣିଷକୁ ପ୍ରଭାବିତ କରିଥାଏ । ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର'ର ୧୨ ଶ୍ଳୋକରୁ ୧୫ ଶ୍ଳୋକ ଅନୁସାରେ ନାଟକ ହେଉଛି 'ପଞ୍ଚମବେଦ' । ଯାହା ସମାଜକୁ ଶିକ୍ଷା ଓ ମନୋରଞ୍ଜନ ପ୍ରଦାନ କରିବା ସହ ଜୀବନର ସତ୍ୟକୁ ମଞ୍ଚରେ ରୂପାୟିତ କରିଥାଏ ।

ଓଡ଼ିଆ ନାଟ୍ୟ ସାହିତ୍ୟର ଶିଳ୍ପରୀତି ବା ଆଙ୍ଗିକ ପରିପାଟୀ ଏକ ସୁଦୀର୍ଘ ପରମ୍ପରାରୁ ସୃଷ୍ଟି । ଓଡ଼ିଶାର ଲୋକକଳା, ଲୀଳା, ଦଣ୍ଡନାଟ, ସୁଆଙ୍ଗ ଏବଂ ଯାତ୍ରା ପରମ୍ପରା ଭିତରେ ଓଡ଼ିଆ ନାଟକର ମୂଳଦୁଆ ପଡ଼ିଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଶୈଳୀ ମୁକ୍ତାକାଶ ରଙ୍ଗମଞ୍ଚ ଏବଂ ଧର୍ମଭିତ୍ତିକ ଆଖ୍ୟାନ ଉପରେ ଆଧାରିତ ଥିଲା । ୧୮୭୭ ମସିହାରେ ଜଗନ୍ମୋହନ ଲାଲାଙ୍କ 'ବାବାଜୀ' ନାଟକର ପ୍ରକାଶନ ସହିତ ଓଡ଼ିଆ ନାଟକ ଶିଳ୍ପରେ ଆଧୁନିକତାର ସୂତ୍ରପାତ ହେଲା । ପରବର୍ତ୍ତୀ ସମୟରେ ରାମଶଙ୍କର ରାୟଙ୍କ ଐତିହାସିକ ଗାମ୍ଭୀର୍ଯ୍ୟ ଏବଂ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ମଞ୍ଚମାୟା ଓଡ଼ିଆ ନାଟକକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା । ଏହି ଯାତ୍ରା ମନୋରଞ୍ଜନ ଦାସଙ୍କ 'ନବନାଟ୍ୟ ଆନ୍ଦୋଳନ' ପର୍ଯ୍ୟନ୍ତ ବିସ୍ତାରିତ । ଏହି ବିବର୍ତ୍ତନ ଭିତରେ ଓଡ଼ିଆ ନାଟକର ଗଠନ ପ୍ରଣାଳୀ, ସଂଳାପ ଶୈଳୀ ଏବଂ ମଞ୍ଚାୟନ କୌଶଳରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଆସିଛି, ତାହାହିଁ ଓଡ଼ିଆ ନାଟକର ଶିଳ୍ପରୀତିର ମୂଳଦୁଆ ।

ନାଟକର ଶିଳ୍ପରୀତି କହିଲେ କେବଳ ଏହାର କାହାଣୀକୁ ବୁଝାଏ ନାହିଁ, ବରଂ ଏହା ହେଉଛି ଏକ ଜଟିଳ ବାର୍ତ୍ତାବହ, ଯେଉଁଠି ଲେଖକଙ୍କ କଳ୍ପନା ପ୍ରସୂତ 'ପାଣ୍ଡୁଲିପି', ଅଭିନେତାର କଳାତ୍ମକ ପ୍ରଦର୍ଶନ ଏବଂ ପରିଚାଳକଙ୍କ ମଞ୍ଚଶୈଳୀ ଏକାଠି ହୁଅନ୍ତି । ପାଶ୍ଚାତ୍ୟ ନାଟ୍ୟକାର ଆରିଷ୍ଟୋଟଲଙ୍କ 'Poetics' ଠାରୁ ଆରମ୍ଭ କରି ବର୍ନାଡ଼ଶ ଏବଂ ବ୍ରେକେଟ୍‌ଙ୍କ ଆଧୁନିକ ପରୀକ୍ଷାମୂଳକ ଶୈଳୀ ପର୍ଯ୍ୟନ୍ତ ସବୁକିଛି ଓଡ଼ିଆ ନାଟ୍ୟଶିଳ୍ପକୁ ବିଭିନ୍ନ ସମୟରେ ଋଦ୍ଧିମନ୍ତ କରିଛି । ସଂକ୍ଷେପରେ କହିଲେ, ଓଡ଼ିଆ ନାଟକର ଶିଳ୍ପରୀତି ହେଉଛି ପାରମ୍ପରିକ ଆବେଗ ଏବଂ ଆଧୁନିକ ବୌଦ୍ଧିକତାର ଏକ ଚମତ୍କାର ମିଶ୍ରଣ ।

### ୨. ଆଙ୍ଗିକ ଶିଳ୍ପକଳା: ଅଙ୍କ, କଥାବସ୍ତୁ ଓ ଐକ୍ୟତ୍ରୟୀ

ନାଟକର ଶିଳ୍ପରୀତିରେ 'ଆଙ୍ଗିକ ଶିଳ୍ପକଳା' ହେଉଛି ଏହାର ବାହ୍ୟ କଳେବର ବା ଗଠନ ପ୍ରଣାଳୀ । ଏକ ସଫଳ ନାଟକ କେବଳ ଭାବପୂର୍ଣ୍ଣ ହେଲେ ଚଳିବ ନାହିଁ, ବରଂ ଏହାର ଗଠନଶୈଳୀ ବୈଜ୍ଞାନିକ ଓ କଳାତ୍ମକ ହେବା ଆବଶ୍ୟକ । ଓଡ଼ିଆ ନାଟକର ଆଙ୍ଗିକ ଶିଳ୍ପକଳାକୁ ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରାଯାଇପାରେ । ଯଥା- (୧) ଅଙ୍କ ଓ ଦୃଶ୍ୟ ସଂଯୋଜନା, (୨) କଥାବସ୍ତୁ ବା ପ୍ଲଟ, (୩) ଐକ୍ୟତ୍ରୟୀ । ପ୍ରଥମତଃ ପାରମ୍ପରିକ ଓଡ଼ିଆ ନାଟକରେ ସଂସ୍କୃତ ନାଟ୍ୟଶାସ୍ତ୍ରର ପରମ୍ପରା ଅନୁସାରେ ପାଞ୍ଚଟି 'ଅଙ୍କ' ରହିବା ବାଧ୍ୟତାମୂଳକ ଥିଲା । କିନ୍ତୁ କାଳକ୍ରମେ ଏଥିରେ ପରିବର୍ତ୍ତନ ଆସିଲା । ବର୍ତ୍ତମାନର ଆଧୁନିକ ନାଟକଗୁଡ଼ିକରେ ଅଙ୍କ ସଂଖ୍ୟା ତିନି ବା ଦୁଇରେ ସୀମିତ ହୋଇଛି । ଏପରିକି ଆଜିର ଏକ ଅଙ୍କ ବିଶିଷ୍ଟ ନାଟକ ବା ଏକାଙ୍କିକା ମଧ୍ୟ ବେଶ୍ ଲୋକପ୍ରିୟ ହୋଇଗଲାଣି । ଏହି ଦୃଶ୍ୟ ବିଭାଜନ ନାଟକର କଥାବସ୍ତୁକୁ ଗତିଶୀଳ କରିବା ସହ ଦର୍ଶକଙ୍କ ମନରେ କୌତୁହଳ ବଜାୟ ରଖିବାରେ ସାହାଯ୍ୟ କରିଥାଏ । ନାଟକରେ ଅଙ୍କର ପରିକଳ୍ପନା ସମ୍ପର୍କରେ କାଳିଚରଣ ପଟ୍ଟନାୟକଙ୍କ ମନ୍ତବ୍ୟ ଏଠାରେ ଗୁରୁତ୍ୱପୂର୍ଣ୍ଣ – "ନାଟକର ଆଖ୍ୟାନବସ୍ତୁ ଓ ଘଟଣାର ଗୁରୁତ୍ୱ ପରିକଳ୍ପନାରେ ଅଙ୍କ ବିଭାଗ ସ୍ଥିର କରାଯାଏ । କାହାଣୀର କଳ୍ପନା ଅନୁସାରେ ୨-୩-୪ ବା ତତୋଧିକ ଅଙ୍କ ବିଭାଗରେ ନାଟକ ରଚିତ ହୋଇପାରେ, ପୁଣି ବିଷୟ ପରିସ୍ଥିତିକୁ ଚାହିଁ ଏକାଙ୍କ ରଚନା କରାଯାଇପାରେ ।" (ପଟ୍ଟନାୟକ: ୧୯୬୩: ୧୫୮)

ନାଟକର ଆଙ୍ଗିକ ଶିଳ୍ପର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି କଥାବସ୍ତୁ ବିନ୍ୟାସ । ଭରତମୁନିଙ୍କ ଅନୁସାରେ ନାଟକର କଥାବସ୍ତୁ ବା ଇତିବୃତ୍ତକୁ ପାଞ୍ଚଟି ଭାଗରେ ବିଭକ୍ତ କରାଯାଇଛି । ନାଟ୍ୟଶାସ୍ତ୍ର ଅନୁସାରେ ଏହି ଗଠନ ପ୍ରକ୍ରିୟାରେ ପଞ୍ଚସନ୍ଧିର ଭୂମିକା ଗୁରୁତ୍ୱପୂର୍ଣ୍ଣ :-

*'ମୁଖଂ ପ୍ରତିମୁଖଂ ଗର୍ଭୋ ବିମର୍ଶଶ୍ଚ ତଥୈବହି ।*
*ତତୋ ନିର୍ବହଣଂ ଚୈବ ସନ୍ଧୟୋ ନାଟକେ ସ୍ମୃତାଃ ।।' (୩/୨୧/୩୬)*


© 2026 ରାକେଶ ବେହେରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଓଡ଼ିଆ ନାଟକର ଆଙ୍ଗିକ ଶିଳ୍ପରୀତି ଭରତମୁନିଙ୍କ ନାଟ୍ୟଶାସ୍ତ୍ରର ଏକବିଂଶ ଅଧ୍ୟାୟର ୩୬ ଶ୍ଳୋକରେ ବର୍ଣ୍ଣିତ ପଞ୍ଚସନ୍ଧି ଉପରେ ଆଧାରିତ । ନାଟକର କଥାବସ୍ତୁକୁ ମୁଖରୁ ନିର୍ବହଣ ପର୍ଯ୍ୟନ୍ତ ଏକ ଶୃଙ୍ଖଳିତ ଗତିରେ ନେବା ପାଇଁ ଏହି ସନ୍ଧିଗୁଡ଼ିକ ଏକ ମଜଭୁତ ଶିଳ୍ପକଳା ଭାବେ କାମ କରନ୍ତି । ଅର୍ଥାତ୍, ମୁଖ, ପ୍ରତିମୁଖ, ଗର୍ଭ, ବିମର୍ଶ ଓ ନିର୍ବହଣ ମାଧ୍ୟମରେ ନାଟକର କଥାବସ୍ତୁ ଗତିଶୀଳ ହୋଇଥାଏ । ମୁଖ ସନ୍ଧି ଯେଉଁଠାରେ କଥାବସ୍ତୁର ମଞ୍ଜି ବା ବୀଜ ବପନ କରାଯାଏ । ପ୍ରତିମୁଖ ଯେଉଁଠି କଥାବସ୍ତୁର ବୀଜଟି ସାମାନ୍ୟ ଅଙ୍କୁରିତ ହୁଏ ଏବଂ ପୁଣି ଲୁଚିଯାଏ । ଗର୍ଭ ସନ୍ଧି ଯେଉଁଠାରେ କଥାବସ୍ତୁ ଲକ୍ଷ୍ୟ ପ୍ରାପ୍ତି ପାଇଁ ଉଦ୍ୟମ ଜାରିରହେ ଏବଂ ଅପ୍ରତ୍ୟାଶ୍ରିତ ଘଟଣା ଘଟେ । ବିମର୍ଶ ଯେଉଁଠି କ୍ରୋଧ, ପ୍ରଲୋଭନ ଯୋଗୁଁ କାର୍ଯ୍ୟରେ ବିଘ୍ନ ଆସେ କିନ୍ତୁ ଶେଷରେ ସଫଳତା ଦେଖାଯାଏ । ନିର୍ବହଣ ସନ୍ଧିରେ ସମସ୍ତ ଘଟଣାର ସମାହାର ଘଟି ଉଦ୍ଦେଶ୍ୟ ସଫଳ ହୁଏ । ଓଡ଼ିଆ ନାଟକର ଶିଳ୍ପରୀତି ଉପରେ ଏହି ପଞ୍ଚସନ୍ଧିର ପ୍ରଭାବ ଅତ୍ୟନ୍ତ ଗଭୀର । ପାରମ୍ପରିକ ଓଡ଼ିଆ ନାଟକଗୁଡ଼ିକ ଏହି ପଞ୍ଚସନ୍ଧିର ଶାସ୍ତ୍ରୀୟ ନିୟମକୁ ଅନୁସରଣ କରି ଗଢ଼ାହୋଇଛି । କଥାବସ୍ତୁ ହେଉଛି ନାଟକର ଆତ୍ମା ସଦୃଶ । ଯାହାକୁ ଇଂରାଜୀରେ 'Plot' ବୋଲି କୁହାଯାଏ । ସାମାଜିକ, ଐତିହାସିକ, ପୌରାଣିକ କିମ୍ବା କାଳ୍ପନିକ କାହାଣୀର ଯେକୌଣସି ସ୍ତରରୁ ନାଟକର କଥାବସ୍ତୁ ସଂଗ୍ରହ କରାଯାଇପାରେ ।

ନାଟକରେ କାହାଣୀ ଗଠନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ଐକ୍ୟତ୍ରୟୀ ଗ୍ରହଣ କରାଯାଏ । ଓଡ଼ିଆ ନାଟକରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ । ଏହା ମୁଖ୍ୟତଃ ତିନି ପ୍ରକାର ଯଥା ; ୧- ଘଟଣାର ଐକ୍ୟ (Unity of action), ୨- ସ୍ଥାନର ଐକ୍ୟ (Unity of place), ୩- କାଳର ଐକ୍ୟ (Unity of time) । ଘଟଣାଗତ ଐକ୍ୟ ମାଧ୍ୟମରେ ନାଟକରେ କେବଳ ମୁଖ୍ୟ କାହାଣୀ ରହିବା ଉଚିତ୍ । ନାଟକରେ ଅଯଥା ଉପ-କଥାବସ୍ତୁ ରହିଲେ ମୂଳ କାହାଣୀ ପ୍ରଭାବହୀନ ହୋଇଯାଏ । ପ୍ରତିଟି ଦୃଶ୍ୟ ଓ ଚରିତ୍ର ମୂଳ ଘଟଣା ସହ ଜଡ଼ିତ ରହି ଏକ ନିର୍ଦ୍ଦିଷ୍ଟ ପରିଣତି ଆଡ଼କୁ ଗତି କରିବା ଆବଶ୍ୟକ । ଯାହାଦ୍ୱାରା ଏହା ନାଟକର ଗଠନକୁ ଦୃଢ଼ କରେ ଏବଂ ଦର୍ଶକଙ୍କ ମନକୁ ବିଭ୍ରାନ୍ତ ହେବାକୁ ଦିଏ ନାହିଁ । ସ୍ଥାନଗତ ଐକ୍ୟ ମାଧ୍ୟମରେ ନାଟକର ସମସ୍ତ ଘଟଣା ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ବା ପରିବେଶ ମଧ୍ୟରେ ଘଟିବା ଆବଶ୍ୟକ । ଗୋଟିଏ ରଙ୍ଗମଞ୍ଚରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନର ପରିକଳ୍ପନା କରିବା ହେଉଛି ସ୍ଥାନଗତ ଐକ୍ୟର ବିଶେଷତ୍ୱ । "ସ୍ଥାନଗତ ଐକ୍ୟ ସମ୍ପର୍କରେ ଆରିଷ୍ଟୋଟଲଙ୍କ ମତ ହେଉଛି- 'In a play one cannot represent an action with a number of parts going on simultaneously, one is limited to the part on the stage connected with the actors' ଅର୍ଥାତ୍ ଏକ ସମୟରେ ବହୁ ସ୍ଥାନରେ ଅଭିନୟ ସମ୍ଭାବନା ନୁହେଁ । ମଞ୍ଚର ସୀମାରେଖା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ଅଭିନୟ ହେବ ।" (ସାହୁ: ୨୦୨୫: ୬୨)

ଓଡ଼ିଆ ନାଟକର ଆଦି ପର୍ଯ୍ୟାୟରେ ଏହି ଐକ୍ୟତ୍ରୟକୁ ସେତେଟା ଗୁରୁତ୍ୱ ଦିଆଯାଉ ନଥିଲା । ଯାତ୍ରା ପ୍ରଭାବ ଯୋଗୁଁ ନାଟକଗୁଡ଼ିକ ବହୁ ଦୃଶ୍ୟ ଓ ବହୁ ବର୍ଷର କାହାଣୀକୁ ନେଇ ଗଢ଼ା ହେଉଥିଲା । କିନ୍ତୁ କାଳୀଚରଣ ପଟ୍ଟନାୟକଙ୍କ ସମୟରୁ ଓଡ଼ିଆ ନାଟକରେ ଶିଳ୍ପଗତ ଶୃଙ୍ଖଳା ଆସିଲା । ବିଶେଷ କରି ମନୋରଞ୍ଜନ ଦାସ, ବିଶ୍ୱଜିତ ଦାସ ଏବଂ ରତ୍ନାକର ଚଇନିଙ୍କ ପରି ଆଧୁନିକ ନାଟ୍ୟକାରମାନେ ଐକ୍ୟତ୍ରୟୀର ସଫଳ ପ୍ରୟୋଗ କରି ନାଟକକୁ ଅଧିକ ବାସ୍ତବଧର୍ମୀ ଓ କଳାତ୍ମକ କରିଛନ୍ତି ।

### ୩. ସଂଳାପ ଓ ଚରିତ୍ର-ଚିତ୍ରଣ

ଓଡ଼ିଆ ନାଟକର ଶିଳ୍ପରୀତିରେ 'ସଂଳାପ' ହେଉଛି ନାଟକର ପ୍ରାଣ । ଏହା କେବଳ ଭାଷା ନୁହେଁ, ବରଂ ଚରିତ୍ରର ମନସ୍ତତ୍ତ୍ୱ ଏବଂ ନାଟକର ଗତିଶୀଳତାକୁ ପ୍ରକାଶ କରିବାର ଶକ୍ତିଶାଳୀ ମାଧ୍ୟମ । ନାଟକର ସାମ୍ପ୍ରତିକ ସଫଳତା ଏହାର ସଂଳାପ ଉପରେ ନିର୍ଭର କରିଥାଏ । ଓଡ଼ିଆ ନାଟକ ପାରମ୍ପରିକ ପଦ୍ୟାତ୍ମକ ସଂଳାପରୁ ଗଦ୍ୟାତ୍ମକ ସଂଳାପକୁ ପରିବର୍ତ୍ତିତ ହୋଇଛି । ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ, ଅର୍ଥାତ୍ ଲୀଳା, ସୁଆଙ୍ଗ ଏବଂ ଯାତ୍ରା ପ୍ରଭାବିତ ନାଟକ ଗୁଡ଼ିକରେ ପଦ୍ୟାତ୍ମକ ସଂଳାପ ବା ଅମିତ୍ରାକ୍ଷର ଛନ୍ଦର ପ୍ରୟୋଗ ହେଉଥିଲା । ଚରିତ୍ରମାନେ ନିଜର ଆବେଗକୁ ସଙ୍ଗୀତ ବା କବିତା ମାଧ୍ୟମରେ ପ୍ରକାଶ କରୁଥିଲେ । ରାମଶଙ୍କର ରାୟଙ୍କ 'କାଞ୍ଚିକାବେରୀ' ପରି ନାଟକରେ ଏହି ପଦ୍ୟମୟ ଶୈଳୀ ଦେଖାବାକୁ ମିଳେ । କିନ୍ତୁ ସମୟକ୍ରମେ ନାଟକ ଯେତେବେଳେ ବାସ୍ତବବାଦୀ ହେବାକୁ ଲାଗିଲା, ସଂଳାପରେ ଗଦ୍ୟଶୈଳୀର ପ୍ରାଧାନ୍ୟ ବଢ଼ିଲା । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓଡ଼ିଆ ନାଟକକୁ ପଦ୍ୟାତ୍ମକ ଶୈଳୀରୁ ମୁକ୍ତକରି ସ୍ୱାଭାବିକ କଥୋପକଥନ ରୀତିରେ ସଂଳାପ ରଚନା କଲେ । ଆଧୁନିକ ନାଟକରେ ସଂଳାପ ଆହୁରି ସଂକ୍ଷିପ୍ତ ଏବଂ ଧାରୁଆ ହେଲା । ବିଶେଷ କରି ମନୋରଞ୍ଜନ ଦାସଙ୍କ ନାଟକରେ ଗଦ୍ୟର ଏପରି ଏକ ରୂପ ଦେଖିବାକୁ ମିଳିଲା, ଯାହା ଅଳ୍ପ ଶବ୍ଦରେ ଅଧିକ ଗଭୀର ଅର୍ଥ ପ୍ରକାଶ କଲା ।

ଶିଳ୍ପରୀତି ଦୃଷ୍ଟିରୁ ସଂଳାପ ସବୁବେଳେ ଚରିତ୍ରର ଯୋଗ୍ୟତା, ଶିକ୍ଷା ଏବଂ ପରିବେଶ ଅନୁଯାୟୀ ହେବା ଉଚିତ୍ । ଏହାକୁ ନାଟ୍ୟଶାସ୍ତ୍ରରେ 'ଔଚିତ୍ୟ' କୁହାଯାଏ । ଚରିତ୍ରର ପ୍ରତିଫଳନ ମାଧ୍ୟମରେ ଜଣେ ରାଜାଙ୍କର ସଂଳାପରେ ଗାମ୍ଭୀର୍ଯ୍ୟ ଏବଂ ଜଣେ ସାଧାରଣ ଲୋକଙ୍କ ସଂଳାପରେ ଆଞ୍ଚଳିକତା ବା ସରଳତା ରହିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ଗୋପାଳ ଛୋଟରାୟଙ୍କ ନାଟକରେ ଓଡ଼ିଆ ଘରର ଖାଣ୍ଟି ଓ ସରଳ ଭାଷା ଚରିତ୍ରମାନଙ୍କୁ ଜୀବନ୍ତ କରିଥାଏ । ଆଧୁନିକ ଓଡ଼ିଆ ନାଟକରେ 'ସ୍ୱଗତୋକ୍ତି'ର ପ୍ରୟୋଗ କମିଯାଇଛି, କିନ୍ତୁ ଚରିତ୍ରର ମନସ୍ତାତ୍ତ୍ୱିକ ଦ୍ୱନ୍ଦ୍ୱକୁ ବୁଝାଇବା ପାଇଁ ପ୍ରତୀକାତ୍ମକ ସଂଳାପର ବ୍ୟବହାର ବଢ଼ିଛି । ସଂଳାପରେ ଉତ୍କଣ୍ଠା ସୃଷ୍ଟି କରିବା ପାଇଁ ଅସମାପ୍ତ ବାକ୍ୟ ବା ଛୋଟ ଛୋଟ ଶବ୍ଦର ପ୍ରୟୋଗ ଏକ ବିଶେଷ ଶିଳ୍ପକଳା ଭାବେ ଉଭା ହୋଇଛି ।

ନାଟକରେ 'ଚରିତ୍ର-ଚିତ୍ରଣ' ହେଉଛି କଥାବସ୍ତୁକୁ ଗତିଶୀଳ କରିବାର ମୁଖ୍ୟ ମାଧ୍ୟମ । ନାଟ୍ୟକାରଙ୍କ କଳ୍ପନା ପ୍ରସୂତ ଚରିତ୍ରମାନେ ଯେତେବେଳେ ମଞ୍ଚରେ ଜୀବନ୍ତ ହୁଅନ୍ତି, ସେତେବେଳେ ସାର୍ଥକ ହୁଏ । ଚରିତ୍ର ଚିତ୍ରଣ ସଂପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ- "ଚରିତ୍ରଦ୍ୱାରା ସାଧାରଣତଃ ରସ ବା ଭାବ ବ୍ୟକ୍ତ ହୋଇଥାଏ । ନାଟ୍ୟକାର ଚରିତ୍ର ଏବଂ ଘଟଣାକୁ ଏକ ଭାବର ବଳୟ ମଧ୍ୟରେ ଖାପ ଖୁଆଇ ନେଲେ ତାହା ସହଜରେ ଦର୍ଶକକୁ ପ୍ରଭାବିତ କରିପାରିବ । ଚରିତ୍ରକୁ ତାହାର ଉପଯୁକ୍ତ ପରିବେଶରେ ସ୍ଥାପନ କରିବା ଅଭିଜ୍ଞ ନାଟ୍ୟକାରର ପ୍ରଧାନ କର୍ତ୍ତବ୍ୟ । ଚରିତ୍ର ନାଟକର ସଫଳତାରେ ଏକ ବିଶେଷ ଭୂମିକା ଗ୍ରହଣ କରୁଥିବାରୁ ତାହାକୁ ଉତ୍ତମ ରୂପେ ଜାଣିବା ନାଟ୍ୟକାରର ଦାୟିତ୍ୱ । ଚରିତ୍ର ଚିତ୍ରଣରେ ବାସ୍ତବତା, ନିରପେକ୍ଷତା ପ୍ରଭୃତି ଉପରେ ନାଟକର ସଫଳତା ଅଧିକ ନିର୍ଭର କରେ ।" (ଦାସ: ୨୦୨୩ : ୩୯) । ନାଟ୍ୟଶାସ୍ତ୍ର ଅନୁସାରେ ନାଟକ ହେଉଛି 'ଅବସ୍ଥାନୁକୃତି', ଅର୍ଥାତ୍ ବିଭିନ୍ନ ଅବସ୍ଥାରେ ମଣିଷର ଅନୁକରଣ ।

ଓଡ଼ିଆ ନାଟକରେ ପାରମ୍ପରିକ ଚରିତ୍ରମାନେ ମୁଖ୍ୟତଃ ନାୟକ ସବୁବେଳେ ଆଦର୍ଶବାଦୀ, ଧୀରୋଦାତ୍ତ ଏବଂ ଦେବତୁଲ୍ୟ ହେଉଥିବା ବେଳେ ଖଳନାୟକ ସବୁବେଳେ କୃର ଓ ଅତ୍ୟାଚାରୀ ହେଉଥିଲେ । ରାମଶଙ୍କର ରାୟ, ଅଶ୍ୱିନୀକୁମାର ଘୋଷଙ୍କ ନାଟକରେ ଚରିତ୍ରମାନେ କଳା କିମ୍ବା ଧଳା ରୂପେ ଚିତ୍ରିତ ହେଉଥିଲେ । ସେମାନେ ନିର୍ଦ୍ଦିଷ୍ଟ ଏକ ନୈତିକ ଆଦର୍ଶର ପ୍ରତିନିଧିତ୍ୱ କରୁଥିଲେ । ପରନ୍ତୁ ଆଧୁନିକ


© 2026 ରାକେଶ ବେହେରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଚରିତ୍ରମାନେ ସେହିପରି ନୁହନ୍ତି ; ବରଂ ସେମାନେ ରକ୍ତମାଂସର ମଣିଷ । ସେମାନଙ୍କ ଭିତରେ ଭଲ ଓ ମନ୍ଦ ଉଭୟ ଗୁଣ ରହିଥାଏ । ଏହି ଚରିତ୍ରମାନେ ସାଧାରଣ ଜନଜୀବନରୁ ଆସିଥାନ୍ତି । ମନୋରଞ୍ଜନ ଦାସଙ୍କ 'ଅରଣ୍ୟଫସଲ' ବା ବିଜୟ ମିଶ୍ରଙ୍କ 'ଶବ ବାହକମାନେ'ର ଚରିତ୍ରମାନେ ଏହାର ଶ୍ରେଷ୍ଠ ଉଦାହରଣ । ସେମାନେ କୌଣସି ପୁରାଣ ବା ଇତିହାସର ନୁହନ୍ତି, ବରଂ ଆମ ସମାଜର ଜଟିଳ ମଣିଷ ।

ଆଧୁନିକ ନାଟକ ଶିଳ୍ପରୀତିରେ ବାହ୍ୟ ସଂଘର୍ଷ ଅପେକ୍ଷା ଆନ୍ତରିକ ସଂଘର୍ଷକୁ ଅଧିକ ଗୁରୁତ୍ୱ ଦିଆଯାଏ । ପାରମ୍ପରିକ ନାଟକଗୁଡ଼ିକରେ ନାୟକମାନେ ଶତ୍ରୁ ସହିତ ଯୁଦ୍ଧ କରୁଥିଲେ, କିନ୍ତୁ ଆଧୁନିକ ନାଟକରେ ନାୟକ ନିଜ ସହିତ ଯୁଦ୍ଧ କରେ । ଚରିତ୍ରର ଅହଂଭାବନା, ଅବଦମିତ କାମନା ଓ ଅସ୍ତିତ୍ୱର ସଂଘର୍ଷକୁ ମଞ୍ଚରେ ରୂପାୟିତ କରାଯାଏ । ଚରିତ୍ରର ମନର ଅକୁହା କଥାକୁ ବୁଝାଇବା ପାଇଁ ନାଟ୍ୟକାରମାନେ ବିଭିନ୍ନ କୌଶଳ ଆପଣେଇଥାନ୍ତି । ଯଥା- ପ୍ରତୀକାତ୍ମକ, Flashback ବା ସ୍ମୃତିଚାରଣ ଶୈଳୀ ଏବଂ ଶୂନ୍ୟତା । ଓଡ଼ିଆ ନାଟକର ଶିଳ୍ପରୀତିରେ ଚରିତ୍ର ଚିତ୍ରଣ ଆଦର୍ଶବାଦରୁ ବାସ୍ତବବାଦ ଏବଂ ବାସ୍ତବବାଦରୁ ମନୋବିଜ୍ଞାନ ଆଡ଼କୁ ଗତି କରିଛି । ବାହ୍ୟ ରୂପସଜ୍ଜା ଅପେକ୍ଷା ଚରିତ୍ରର ଅନ୍ତର୍ନିହିତ ଦ୍ୱନ୍ଦ୍ୱକୁ ପ୍ରକାଶ କରିବା ହିଁ ସାମ୍ପ୍ରତିକ ନାଟ୍ୟଶିଳ୍ପର ମୁଖ୍ୟ ଉଦ୍ଦେଶ୍ୟ ।

**୪. ମଞ୍ଚକଳା**

ଓଡ଼ିଆ ନାଟକର 'ମଞ୍ଚକଳା' ଏକ ସୁଦୀର୍ଘ ଏବଂ ରୁଦ୍ଧିମନ୍ତ ପରମ୍ପରାରୁ ଆସି ଆଜିର ଅତ୍ୟାଧୁନିକ ସ୍ତରରେ ପହଞ୍ଚିଛି । ମଞ୍ଚକଳା ହେଉଛି ନାଟ୍ୟକାରଙ୍କ ଶବ୍ଦକୁ ଏକ ଦୃଶ୍ୟଭାଷା ପ୍ରଦାନ କରିବା । ନାଟ୍ୟକାରର ବକ୍ତବ୍ୟ ରଙ୍ଗମଞ୍ଚ ମାଧ୍ୟମର ଦୃଶ୍ୟରୂପ ଲାଭକରେ ଓ ଦର୍ଶକମାନଙ୍କ ନିକଟରେ ପହଞ୍ଚେ । ଭରତମୁନିଙ୍କ ନାଟ୍ୟଶାସ୍ତ୍ର ଅନୁଯାୟୀ ପ୍ରାଚୀନ ଭାରତବର୍ଷରେ ତିନି ପ୍ରକାର ରଙ୍ଗମଞ୍ଚ ଥିବାର ପ୍ରମାଣ ମିଳେ । ଯଥା-

*ତ୍ରିବିଧଃ ସନ୍ନିବେଶଶ୍ଚ ଶାସ୍ତ୍ରତଃ ପରିକଳ୍ପିତଃ ।*
*ବିକୃଷ୍ଟଶ୍ଚତୁରସ୍ରଶ୍ଚ ତ୍ର୍ୟସ୍ରଶ୍ଚୈବ ହି ମଣ୍ଡପଃ ।(୧/୨/୮)*

**ଅର୍ଥାତ୍, ଭରତମୁନିଙ୍କ ଅନୁସାରେ ରଙ୍ଗମଞ୍ଚ ତିନିପ୍ରକାର :-** ବିକୃଷ୍ଟ (ଆୟତାକାର), ଚତୁରସ୍ର (ବର୍ଗାକାର), ତ୍ର୍ୟସ୍ର (ତ୍ରିକୋଣାକାର) । ଏହି ମଞ୍ଚ ପୁଣି ଜ୍ୟେଷ୍ଠ (ଉତ୍ତମ), ମଧ୍ୟମ ଓ ଅବର (ଅଧମ) ଭେଦରେ ବିଭକ୍ତ ।

ପ୍ରାଚୀନକାଳରୁ ରଙ୍ଗମଞ୍ଚଗୁଡ଼ିକର ବିକାଶକ୍ରମକୁ ମୁଖ୍ୟତଃ ମୁକ୍ତାକାଶ, ଏକମୁଖୀ, ଦ୍ୱିମୁଖୀ, ତ୍ରିମୁଖୀ, ପ୍ରତୀକଧର୍ମୀ ଆଦିରେ ବିଭକ୍ତ କରାଯାଇଥାଏ । "ଭାରତବର୍ଷରେ ପ୍ରାଚୀନ କାଳରୁ ତିନିପ୍ରକାର ରଙ୍ଗମଞ୍ଚ ଯଥା- ସମତଳ ମଞ୍ଚ, ବହୁ ଧରାତଳୀୟ ମଞ୍ଚ ଓ ମୁକ୍ତାକାଶ ମଞ୍ଚ ରହିଥିଲା । ଏଗୁଡ଼ିକ ମଧ୍ୟରୁ ପ୍ରଥମ ଦୁଇଟି ନାଟ୍ୟଶାସ୍ତ୍ରଦ୍ୱାରା ଅନୁମୋଦିତ ଓ ତୃତୀୟ ମଞ୍ଚଟି ହେଉଛି ଲୋକମଞ୍ଚ । ମୁକ୍ତାକାଶ ରଙ୍ଗମଞ୍ଚର ବିଶେଷତ୍ୱ- ଏଥିରେ ମୁକ୍ତ ଆକାଶ ତଳେ ନାଟକର ମଞ୍ଚାୟନ ହୁଏ ଓ ଦର୍ଶକମାନେ ବସିଥାନ୍ତି । ଏହାକୁ ମଧ୍ୟ ମୁକ୍ତଧାରାର ମଞ୍ଚ କୁହାଯାଇପାରିବ । ବରଗଡ଼ର ଧନୁଯାତ୍ରା ମଞ୍ଚ ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ।" (ଦାସ ଓ ଅନ୍ୟମାନେ : ୨୦୧୮ : ୧୧୭୫) ସମତଳ ମଞ୍ଚ ହେଉଛି ଏକ ପାରମ୍ପରିକ ଏବଂ ସବୁଠାରୁ ଅଧିକ ବ୍ୟବହୃତ ମଞ୍ଚ । ଏଥିରେ ଦର୍ଶକମାନେ କେବଳ ମଞ୍ଚର ସାମ୍ନା ଭାଗରୁ ହିଁ ନାଟକ ଦେଖିଥାନ୍ତି । ମଞ୍ଚ ଓ ଦର୍ଶକଙ୍କ ମଧ୍ୟରେ ଏକ କଳ୍ପିତ 'ଚତୁର୍ଥ କାନ୍ଥ' ରହିଥାଏ । ଏହି ମଞ୍ଚରେ ବିଭିନ୍ନ ପ୍ରକାରର ପରଦା, ସେଟ୍ ପରିବର୍ତ୍ତନ ଏବଂ ଆଲୋକ ସଜ୍ଜାର ବ୍ୟବହାର କରିବା ଅତ୍ୟନ୍ତ ସହଜ । ବହୁ ଧରାତଳୀୟ ମଞ୍ଚ ସାଧାରଣତଃ ଏକାଧିକ ସ୍ତର କିମ୍ବା ଉଚ୍ଚତାରେ ନିର୍ମିତ ହୋଇଥାଏ । ଏହା ନାଟକକୁ ଗଭୀରତା ଓ ଗତିଶୀଳତା ପ୍ରଦାନ କରେ ଏବଂ ନିର୍ଦ୍ଦେଶକଙ୍କୁ ବିଭିନ୍ନ କୋଣରୁ ଦୃଶ୍ୟ ସଂଯୋଜନା କରିବାର ସୁଯୋଗ ଦିଏ ।

**୫. ଐତିହାସିକ ବିବର୍ତ୍ତନ**

ଓଡ଼ିଆ ନାଟକର ଶିଳ୍ପକଳା ଏକ ସାମାଜିକ ଓ ସାଂସ୍କୃତିକ ବିବର୍ତ୍ତନ ଦେଇ ଗତି କରିଛି । ପ୍ରାରମ୍ଭିକ କାଳର ପୌରାଣିକ ଆଭିମୁଖ୍ୟରୁ ଆରମ୍ଭ କରି ଆଜିର ମନସ୍ତାତ୍ତ୍ୱିକ ଜଟିଳତା ପର୍ଯ୍ୟନ୍ତ ଏହାର ଶୈଳୀ ବେଶ୍ ପରିବର୍ତ୍ତିତ । ସ୍ୱାଧୀନତା ପୂର୍ବରୁ ଓଡ଼ିଆ ନାଟକ ମୁଖ୍ୟତଃ ପୌରାଣିକ, ଐତିହାସିକ ଓ ସମାଜ ସଂସ୍କାର ଉପରେ ଆଧାରିତ ଥିଲା । ଏହି ସମୟରେ ଓଡ଼ିଆ ନାଟକ ନିଜର ଲୋକରୂପକୁ ଛାଡ଼ି ଶାସ୍ତ୍ରୀୟ ମଞ୍ଚରୂପ ଗ୍ରହଣ କରିଥିଲା । ପାରମ୍ପରିକ ନାଟକର ଶିଳ୍ପରୀତିରେ ମୁଖ୍ୟ ବୈଶିଷ୍ଟ୍ୟ ହେଲା ନାଟକରେ ସଙ୍ଗୀତର ପ୍ରାଧାନ୍ୟତା । କଥାବସ୍ତୁକୁ ସଂଳାପ ଅପେକ୍ଷା ଗୀତ ମାଧ୍ୟମରେ ଅଧିକ ପ୍ରକାଶ କରାଯାଉଥିଲା । ସଂଳାପଗୁଡ଼ିକ ଥିଲା ଦୀର୍ଘ ଓ ଆଳଙ୍କାରିକ ଏବଂ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ଦେଖିବାକୁ ମିଳୁଥିଲା । ଜଗନ୍ମୋହନ ଲାଲ୍‌ଙ୍କ 'ବାବାଜୀ' ଏବଂ ରାମଶଙ୍କର ରାୟଙ୍କ 'କାଞ୍ଚିକାବେରୀ' ପରି ନାଟକଗୁଡ଼ିକରେ ସାମାଜିକ ସୁଧାର ଓ ଜାତୀୟତା ବୋଧର ପ୍ରତିଫଳନ ଘଟୁଥିଲା ।

୧୯୩୦ ମସିହା ପରେ କାଳୀଚରଣଙ୍କ ମଞ୍ଚମାୟା ଓଡ଼ିଆ ନାଟକର ଶିଳ୍ପରୀତିରେ ସବୁଠାରୁ ବଡ଼ ସଂସ୍କାର ଆଣିଲା । ସ୍ୱାଭାବିକ ଭାବେ ସେ ନାଟକରୁ ଅମିତ୍ରାକ୍ଷର ଛନ୍ଦ ହଟାଇ କଥିତ ଗଦ୍ୟଭାଷାର ପ୍ରୟୋଗ କଲେ । କାଳୀଚରଣ ପଟ୍ଟନାୟକ ପ୍ରଥମ କରି ଓଡ଼ିଆ ମଞ୍ଚରେ ବାସ୍ତବବାଦର ପ୍ରୟୋଗ କଲେ । 'ଭାତ' ନାଟକରେ ମଞ୍ଚ ଉପରେ ପ୍ରଥମ କରି ବାସ୍ତବବାଦର ପ୍ରୟୋଗ ପ୍ରକୃତରେ ଓଡ଼ିଆ ନାଟ୍ୟ ଶିଳ୍ପକୁ ନୂତନ ଗତି ଦେଲା ।

୧୯୪୭ ମସିହା ପରବର୍ତ୍ତୀ କାଳରେ, ବିଶେଷକରି ୧୯୫୦ ପରେ ଓଡ଼ିଆ ନାଟକରେ ବୌଦ୍ଧିକ ବିପ୍ଳବ ଘଟିଲା । ଯାହାକୁ 'ନବନାଟ୍ୟ ଆନ୍ଦୋଳନ' ବା 'ଉଦ୍ଭଟ ନାଟ୍ୟ ପରମ୍ପରା' ବୋଲି କୁହାଗଲା । ଏହି ବିପ୍ଳବର ଯାତ୍ରା ଶାରୀରିକ ସ୍ତରରୁ ମାନସିକ ସ୍ତରକୁ । ଏହି ବିପ୍ଳବରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଉପରେ ଅଧିକ ଗୁରୁତ୍ୱ ଦିଆଗଲା । ନାଟକରେ ବାହ୍ୟ ଶତ୍ରୁ ବଦଳରେ ମଣିଷର ଅବଚେତନ ମନ ମୁଖ୍ୟ ବିଷୟ ହେଲା । ମନୋରଞ୍ଜନ ଦାସଙ୍କ 'ଆଗାମୀ' ନାଟକ ଏହି ପରିବର୍ତ୍ତନର ପ୍ରଥମ ସ୍ୱର । ଏହି ସମୟର ନାଟକଗୁଡ଼ିକରେ ଜୀବନର ଅସାରତା ଓ ଅର୍ଥହୀନତାକୁ ଦର୍ଶାଇବା ପାଇଁ ପରୀକ୍ଷାମୂଳକ ଶୈଳୀ ଆପଣାଗଲା । କଥାବସ୍ତୁ ବା ସଂଳାପ ସିଧାସଳଖ ନ ହୋଇ ପ୍ରତୀକାତ୍ମକ ହେଲା । ଯାହାଫଳରେ ମନୋରଞ୍ଜନ ଦାସଙ୍କ ନାଟକର ଚରିତ୍ରମାନେ ସାଧାରଣ ନ ହୋଇ, ସେମାନେ ଏକ ଏକ ପ୍ରତୀକ ଭାବରେ ବ୍ୟବହୃତ ହେଲେ ।

ଆଧୁନିକ ନାଟକରେ 'ବିରାମ' ଓ 'ନୀରବତା'କୁ ମଧ୍ୟ ସଂଳାପ ଭାବେ ବ୍ୟବହାର କରାଗଲା । ସାମୁଏଲ ବେକେଟ୍‌ଙ୍କ 'ଅବସର୍ଡ ଶୈଳୀ' ଓ ବରଟୋଲ୍ଟ ବ୍ରେଖ୍ଟଙ୍କ 'ଏପିକ୍ ଥିଏଟର'ର ପ୍ରଭାବ ଓଡ଼ିଆ ନାଟକ କ୍ଷେତ୍ରରେ ଦେଖିବାକୁ ମିଳିଲା । ଆଧୁନିକ ନାଟକରେ ଅଙ୍କ ଓ ଦୃଶ୍ୟର ପାରମ୍ପରିକ ବିଭାଜନ ଭାଙ୍ଗିଗଲା । ସମୟ ଓ ସ୍ଥାନର ଗତିଶୀଳତାକୁ ପ୍ରକାଶ କରିବା ପାଇଁ 'Flashback' ଶୈଳୀ ବ୍ୟବହୃତ ହେଲା । ବେଳେବେଳେ ଦର୍ଶକଙ୍କ ମଝିରେ ମଧ୍ୟ ଅଭିନୟ କରାଗଲା । ଯାହାକୁ 'Street play' ବା 'Third Theatre' ଶୈଳୀ କୁହାଗଲା । ଯାହାଫଳରେ ମନୋରଞ୍ଜନ ଦାସ, ବିଜୟ ମିଶ୍ର, ବିଶ୍ୱଜିତ ଦାସ, ରତ୍ନାକର ଚଇନି ପ୍ରଭୃତି ନାଟ୍ୟକାରମାନେ ଓଡ଼ିଆ ନାଟକର ଶିଳ୍ପରୀତିକୁ ବିଶ୍ୱସ୍ତରୀୟ କରିଥିଲେ ।


© 2026 ରାକେଶ ବେହେରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଓଡ଼ିଆ ନାଟକ ତା'ର ଜନ୍ମକାଳରୁ ହିଁ ଓଡ଼ିଶାର ସମୃଦ୍ଧ ଲୋକକଳା ପରମ୍ପରା ସହିତ ଗଭୀର ଭାବେ ଜଡ଼ିତ । ଆଧୁନିକ ଓଡ଼ିଆ ନାଟକ କେବଳ ପାଶ୍ଚାତ୍ୟ ଅନୁକରଣରେ ଗଢ଼ି ଉଠିନାହିଁ, ବରଂ ଏହାର ଆଙ୍ଗିକ ଓ ଆତ୍ମିକ ସଂରଚନାରେ ଲୀଳା, ସୁଆଙ୍ଗ ଓ ଯାତ୍ରାର ପ୍ରଭାବ ସ୍ପଷ୍ଟ ବାରି ହୋଇପଡ଼େ । ଆଧୁନିକ ନାଟ୍ୟକାରମାନେ ନିଜର ମୌଳିକତା ରକ୍ଷା କରିବା ପାଇଁ ଏହି ପାରମ୍ପରିକ ଶୈଳୀକୁ ଆପଣେଇଛନ୍ତି । ସେମାନେ ମୂଳ କାହାଣୀ ମଝିରେ ପାଲା ଓ ଦାସକାଠିଆ ଗାୟକଙ୍କୁ ସ୍ଥାନିତ କରି କଥାବସ୍ତୁକୁ ବର୍ଣ୍ଣନା କରାଇଲେ । ଲୀଳାର ଗୀତିମୟତା, ସୁଆଙ୍ଗର ବ୍ୟଙ୍ଗ ଏବଂ ଯାତ୍ରାର ଗତିଶୀଳତାକୁ ଆଧୁନିକ ମଞ୍ଚକଳାର ଚମତ୍କାରିତା ସହ ମିଶାଇ ଏକ ନୂତନ ଓଡ଼ିଆ ନାଟ୍ୟ ଶୈଳୀ ସୃଷ୍ଟି ହୋଇଛି ।

**୬. ଉପସଂହାର**

ଓଡ଼ିଆ ନାଟକର ଶିଳ୍ପରୀତି କେବଳ ଏକ ବୈଷୟିକ କୌଶଳ ନୁହେଁ, ବରଂ ଏହା ଓଡ଼ିଆ ଜାତିର ସାଂସ୍କୃତିକ ପରିଚୟ ଓ ଚେତନାର ଏକ କଳାତ୍ମକ ପ୍ରତିଫଳନ । ପ୍ରାଚୀନ ଲୀଳା-ସୁଆଙ୍ଗର ପରିଧି ଭିତରୁ ବାହାରି ଆଧୁନିକ ନାଟକ ଆଜି ଯେଉଁ ସ୍ତରରେ ପହଞ୍ଚିଛି, ତାହା ନାଟ୍ୟକାରମାନଙ୍କର ନିରନ୍ତର ପରୀକ୍ଷା-ନିରୀକ୍ଷାର ଫଳ । ଆଜିର ଓଡ଼ିଆ ନାଟ୍ୟ ଶିଳ୍ପ ଏକ ସନ୍ଧିକ୍ଷଣରେ ଦଣ୍ଡାୟମାନ । ସିନେମା ଏବଂ ଟେଲିଭିଜନର ପ୍ରଭାବ ସତ୍ତ୍ୱେ ମଞ୍ଚ ନାଟକ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି । ବର୍ତ୍ତମାନ ବଡ଼ ବଡ଼ ବ୍ୟବସାୟିକ ରଙ୍ଗମଞ୍ଚ ଅପେକ୍ଷା 'ଛୋଟ ମଞ୍ଚ'ର ଲୋକପ୍ରିୟତା ବଢ଼ୁଛି । ଡିଜିଟାଲ୍ ଯୁଗରେ ମଧ୍ୟ ଜୀବନ୍ତ ଅଭିନୟର ମହତ୍ତ୍ୱ କମିନାହିଁ । ଯଦି ନାଟକର ଶିଳ୍ପରୀତି ସାମ୍ପ୍ରତିକ ସମସ୍ୟା ଓ ଯୁବପିଢ଼ିର ଚିନ୍ତାଧାରା ସହ ତାଳ ମିଶାଇ ଚାଲେ, ତେବେ ଓଡ଼ିଆ ନାଟକର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ।

ନାଟକକୁ ସମାଜର ଦର୍ପଣ କୁହାଯାଏ । ଶିଳ୍ପରୀତିର ସାର୍ଥକତା ସେତିକିବେଳେ ପ୍ରମାଣିତ ହୁଏ, ଯେତେବେଳେ ଏହା ସାଧାରଣ ମଣିଷର ଅକୁହା କଥାକୁ ଶାଣିତ ଭାବେ ଉପସ୍ଥାପନ କରିପାରେ । ଶିଳ୍ପରୀତି କେବଳ ଚମତ୍କାରିତା ଦେଖାଇବା ପାଇଁ ନୁହେଁ, ବରଂ ସମାଜର କୁସଂସ୍କାର, ରାଜନୈତିକ ଭ୍ରଷ୍ଟାଚାର ଏବଂ ମାନବୀୟ ସମ୍ପର୍କର ଜଟିଳତାକୁ ଲୋକଲୋଚନକୁ ଆଣିବା ପାଇଁ ଏକ ଅସ୍ତ୍ର ଭାବେ ବ୍ୟବହୃତ ହେବା ଉଚିତ୍ । ପାରମ୍ପରିକ ଓଡ଼ିଆ ସଂସ୍କୃତି ଏବଂ ଆଧୁନିକ ବୈଷୟିକ ଜ୍ଞାନକୌଶଳର ମିଳନରେ ଯେଉଁ ନୂତନ ଶିଳ୍ପରୀତି ଗଢ଼ିଉଠିବ, ତାହାହିଁ ଓଡ଼ିଆ ନାଟକକୁ ବିଶ୍ୱ ଦରବାରରେ ସମ୍ମାନିତ କରିବ । ନାଟକର ଶିଳ୍ପରୀତି ଏକ ଗତିଶୀଳ ପ୍ରକ୍ରିୟା । ଯେ ପର୍ଯ୍ୟନ୍ତ ମଞ୍ଚ ଉପରେ ଅଭିନେତା ଏବଂ ସାମ୍ନାରେ ଦର୍ଶକ ରହିଥିବେ, ସେ ପର୍ଯ୍ୟନ୍ତ ଏହି ଶିଳ୍ପରୀତି ନୂଆ ନୂଆ ରୂପରେ ଜୀବନ୍ତ ରହିଥିବ ଏବଂ ମାନବ ସମାଜକୁ ପ୍ରେରଣା ଦେଉଥିବ ।

## ସହାୟକ ଗ୍ରନ୍ଥସୂଚୀ


1. ଆଚାର୍ଯ୍ୟ ବାନାମ୍ବର (ଅ)। *ନାଟ୍ୟଶାସ୍ତ୍ର.* ପ୍ରଥମ ଖଣ୍ଡ। ୪ର୍ଥ ମୁଦ୍ରଣ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ, ସଂସ୍କୃତି ଭବନ; ୨୦୨୫।
2. ଉଦ୍‌ଗାତା ଶ୍ରୀନିବାସ (ଅ)। *ନାଟ୍ୟଶାସ୍ତ୍ର.* ଦ୍ୱିତୀୟ ଖଣ୍ଡ। ୨ୟ ମୁଦ୍ରଣ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ, ସଂସ୍କୃତି ଭବନ; ୨୦୨୫।
3. ଦାସ ହେମନ୍ତ କୁମାର। *ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ.* ପ୍ରଥମ ଭାଗ। ୨ୟ ସଂସ୍କରଣ। କଟକ: ଏସ୍‌ବି ପବ୍ଲିକେଶନ୍ସ, ବିନୋଦ ବିହାରୀ; ୨୦୨୩।
4. ପଟ୍ଟନାୟକ କାଳୀଚରଣ। *ମଞ୍ଚଧାରା.* ପ୍ରଥମ ପ୍ରକାଶ। କଟକ: କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ବାଲୁବଜାର; ୧୯୭୩।
5. ମିଶ୍ର ଗୋବିନ୍ଦ ଚନ୍ଦ୍ର (ଅ)। *ନାଟ୍ୟଶାସ୍ତ୍ର.* ତୃତୀୟ ଖଣ୍ଡ। ପ୍ରଥମ ମୁଦ୍ରଣ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ, ସଂସ୍କୃତି ଭବନ; ୨୦୦୭।
6. ସାହୁ ନାରାୟଣ। *ନାଟକ ତତ୍ତ୍ୱ ବିଚାର.* ୩ୟ ମୁଦ୍ରଣ। କଟକ: ବିଦ୍ୟାପୁରୀ, ବିନୋଦ ବିହାରୀ; ୨୦୨୫।
7. ସ୍ୱାଇଁ ଦିଲିପ କୁମାର। *ସାହିତ୍ୟ ସ୍ୱରୂପ.* କଟକ: ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର; ୨୦୨୧।
8. Mowat BA, et al. *As You Like It.* Folger Shakespeare Library.
9. Nicoll A. *The Theory of Drama.* Delhi: Doaba House; 1969.



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.


**About the Author**




**ରାକେଶ ବେହେରା** ସଂସ୍କୃତି ଅଧ୍ୟୟନ(ଓଡ଼ିଆ) ବିଭାଗର ଗବେଷକ ଭାବେ ଶିକ୍ଷା 'ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶାରେ କାର୍ଯ୍ୟରତ। ତାଙ୍କର ଗବେଷଣା କ୍ଷେତ୍ରରେ ଓଡ଼ିଆ ଭାଷା ଓ ସାହିତ୍ୟ, ସଂସ୍କୃତି ଅଧ୍ୟୟନ, ନାଟ୍ୟ ପରମ୍ପରା, ଲୋକସଂସ୍କୃତି ଏବଂ ଆନ୍ତର୍ବିଷୟକ ଅଧ୍ୟୟନ ଅନ୍ତର୍ଭୁକ୍ତ। ସେ ଉଚ୍ଚମାନର ଏକାଡେମିକ୍ ଗବେଷଣା ଓ ଜ୍ଞାନ ବିକାଶ ପ୍ରତି ସମର୍ପିତ। ଓଡ଼ିଆ ଭାଷା ସମ୍ପର୍କରେ ବର୍ତ୍ତମାନ ସମୟରେ ଗବେଷଣରତ ।




© 2026 ରାକେଶ ବେହେରା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/